

## ଝାଡ଼ଖଣ୍ଡୀ ଚୋର ଗିରଫ; ୩ ମୋବାଇଲ୍ ଜବତ



ଭୁବନେଶ୍ୱର, ୧୮।୪(ସମିସ): ମୋବାଇଲ୍ ଫୋନ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାଡ଼ଖଣ୍ଡର ଏମ୍‌ଡି ଫାରୁକ୍ (୨୪)। ପୁଲିସ ସୂଚନା ଅନୁସାରେ, ବୁଧବାର ସକାଳ ସମୟରେ ଜଗନ୍ନାଥ ବିଶ୍ୱାଳ ମାଷ୍ଟରକ୍ୟାଣ୍ଟିନ ଛକ 'ମୋ ବସ୍‌ଷ୍ଟାଣ୍ଡ' ନିକଟସ୍ଥ ଏକ ଗଛମୂଳରେ ବିଶ୍ରାମ କରୁଥିଲେ। ଫାରୁକ୍ ସେହି ସମୟରେ ଜଗନ୍ନାଥଙ୍କ ମୋବାଇଲ ଫୋନକୁ କୌଶଳକ୍ରମେ ଚୋରି କରି ନେଇଯାଇଥିଲା। ମୋବାଇଲ୍ ଚୋରି ସମୟରେ ସ୍ଥାନୀୟ କିଛି ବ୍ୟକ୍ତି ଦେଖିପାରି ଫାରୁକ୍‌କୁ ପିଛା କରିବା ସହିତ ତାଙ୍କୁ ଧରି ମାଡ଼ ମାରିଥିଲେ। ହେଲେ ଫାରୁକ୍ ସେମାନଙ୍କ କବଳରୁ ଖସିଯାଇ ମୋବାଇଲ୍ ଫୋନ୍‌କୁ ଜଣେ ଅଜ୍ଞାତ ପଥଚାରୀଙ୍କୁ କମ୍ ଦରରେ ବିକ୍ରି କରି ଦେଇଥିଲା। ପୁଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଖବରପାଇ ରାଜମହଲ ଛକ ନିକଟରେ ଚଢ଼ଉ କରି ୩ଟି ମୋବାଇଲ୍ ଫୋନ ତା'ଠାରୁ ଜବତ କରିଥିଲା। ଅଭିଯୁକ୍ତ ଫାରୁକ୍‌କୁ କୋର୍ଟ ଚାଲାଣ କରିଛି ପୁଲିସ।

## ଜମିବିକ୍ରି ନାଁରେ ଠକେଇ: ଜଣେ ଗିରଫ



ଭୁବନେଶ୍ୱର, ୧୮।୪(ସମିସ): ଜମି ବିକ୍ରି କରିବା ଆଳରେ ୫ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପଦ୍ମପୁରର ରଞ୍ଜନ ଜେନା (୩୮)। ପୁଲିସ ସୂଚନା ଅନୁଯାୟୀ, ଜୟଦେବ ବିହାର ଅଞ୍ଚଳର ଆବୃତି ଦାଶ ଗତବର୍ଷ ଅଗଷ୍ଟ ମାସରେ ରଞ୍ଜନ ସହିତ ଭେଟ ହେବାପରେ ରଞ୍ଜନ ଭରତପୁର ଥାନା ଘାଟିକିଆ ଅଞ୍ଚଳରେ ଥିବା ଏକ ପ୍ଲଟ୍ କିଣିବା ଲାଗି ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଆଲୋଚନା ପରେ ଆବୃତି ନିଜ କମ୍ପାନୀ ନାମରେ ଥିବା ଆକାଉଣ୍ଟରୁ ରଞ୍ଜନ ବ୍ୟାଙ୍କ ଅକାଉଣ୍ଟକୁ ମୋଟ ୫ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଟଙ୍କା ପାଇବା ପରେ ରଞ୍ଜନ ସ୍ଥାନୀୟ ଅଞ୍ଚଳ ଛାଡ଼ି ଫେରାର ହୋଇଯାଇଥିଲା। ସେହି ବର୍ଷ ଅକ୍ଟୋବର ମାସରେ ଆବୃତିଙ୍କୁ ଦେଖା କରି ଏକ ଚୁକ୍ତି ପ୍ରସ୍ତୁତ କରିବା ସହିତ ଉକ୍ତ ପ୍ଲଟ୍‌କୁ ତାଙ୍କ ନାମରେ ରେଜିଷ୍ଟ୍ରେସନ୍ କରିପାରିବନି ବୋଲି କହିଥିଲା। ନେଇଥିବା ୫ ଲକ୍ଷ ଟଙ୍କା ଫେରାଇବା ଲାଗି ଏକ ଚେକ୍ ଦେଇ ପୁଣି ଫେରାର ହୋଇଯାଇଥିଲା। ଆକାଉଣ୍ଟରେ ଟଙ୍କା ନ ଥିବା କାରଣରୁ ରଞ୍ଜନ ଦେଇଥିବା ଚେକ୍‌ଟି ବାଉନ୍ସ ହୋଇଯାଇଥିଲା।

## ରାଜଧାନୀରେ ପୁଅକୁ ଖୋଜୁଛନ୍ତି ବାପାମାଆ



ଭୁବନେଶ୍ୱର, ୧୮।୪(ସମିସ): ପରୀକ୍ଷାରେ କମ୍ ମାର୍କ ରଖିବାରୁ ବାପା ଆକଟ କରିଥିଲେ। ଆଉ ଏହାର ୩ ଦିନ ପରେ ସ୍କୁଲ ଯାଉଛି କହି କେଉଁଆଡ଼େ ପଳାଇ ଯାଇଛି ପୁଅ। ସେବେଠାରୁ ଆଉ ଘରକୁ ଫେରି ନାହିଁ। ନିଖୋଜ ଛାତ୍ର ହେଉଛନ୍ତି ନୟାଗଡ଼ ମାଛିପଡ଼ାର ବ୍ରଜବନ୍ଧୁ ନାହାକଙ୍କ ପୁଅ ସିଲୁ ନାହାକ (୧୪)। ଅଭିଯୋଗ ଅନୁଯାୟୀ, ନୟାଗଡ଼ର ସିଲୁ ପରୀକ୍ଷାରେ କମ୍ ନମ୍ବର ରଖିଥିଲେ। ବାପା ବ୍ରଜବନ୍ଧୁ ପୁଅକୁ ଗାଳି କରିବା ସହିତ ଆକଟ କରିଥିଲେ। ଏହାପରେ ମଧ୍ୟ ସିଲୁ ସବୁଦିନ ଭଳି ଖିଆପିଆ କରିବା ସହିତ ଘରେ ରହୁଥିଲେ। ହେଲେ ଏହାର ୩ ଦିନ ପରେ ଅର୍ଥାତ୍ ଗତ ୮ ତାରିଖ ଦିନ ସାର୍ଟିଫିକେଟ୍ ଆଣିବାକୁ ସ୍କୁଲ ଯାଇଛି ବୋଲି ମାଆ କୁମାଙ୍କୁ କହି ଘରୁ ବାହାରି ଯାଇଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପୁଅକୁ ନପାଇ ନୟାଗଡ଼ ଥାନାରେ ଅଭିଯୋଗ କରିଥିଲେ। ସିଲୁ ଭୁବନେଶ୍ୱରରେ ଥିବା କୌଣସି ସୂତ୍ରରୁ ବାପା ବ୍ରଜବନ୍ଧୁ ଖବର ପାଇଥିଲେ। ଏହାପରେ ପତ୍ନୀ କୁମାଙ୍କୁ ସାଥୀରେ ଧରି ଭୁବନେଶ୍ୱର ଚାଲି ଆସିଥିଲେ ଖୋଜିବାକୁ। ପୁଅର ଫଟୋକୁ ହାତରେ ଧରି ଛକ ବଜାରରେ ବୁଲିବା ସହିତ ବିଭିନ୍ନ ଲୋକଙ୍କୁ ଫଟୋ ଦେଖାଇ 'ପୁଅକୁ କେଉଁଠାରେ ଦେଖିଛନ୍ତି କି' ବୋଲି ପଚାରୁଛନ୍ତି।

### କମିସନ ପୁଲିସର ଅଭିନବ ପଦକ୍ଷେପ

# ମହିଳାଙ୍କୁ 'ହର୍' ଦେବ ସୁରକ୍ଷା

- ସାଦା ପୋଷାକରେ ପଇନ୍ତରା ମାରୁଛନ୍ତି ମହିଳା ପୁଲିସ
- ସହାୟତା ଲୋଡୁଥିବା ପୀଡ଼ିତାଙ୍କ ପରିଚୟ ରଖାଯିବ ଗୋପନ

ଭୁବନେଶ୍ୱର, ୧୮ ।୪(ସମିସ)

ମହିଳାଙ୍କୁ ଦୁର୍ବ୍ୟବହାର କିମ୍ବା ହାରାସ୍‌ମେଣ୍ଟ କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେଇଛି କମିସନରେଟ୍ ପୁଲିସ। ଏଭଳି ଅଭ୍ୟାସଗତ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ପୁଲିସ ଆରମ୍ଭ କରିଛି ହର୍ (ହାଇ ଏଫିସିଏନ୍ସି ରେସ୍‌ପୋନ୍ସ) ଟିମ୍। କୌଣସି କର୍ମଜୀବୀ ମହିଳାଙ୍କୁ ଦୁର୍ବ୍ୟବହାର ବା ମହିଳାଙ୍କୁ ନିର୍ଯାତନା ଘଟଣା ନେଇ ଖବର ଆସିଲେ ଏହି ଟିମ୍ ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ଟିମର ନେତୃତ୍ୱ ନେଉଛନ୍ତି ଏସିପି ଅଞ୍ଜନା ଟୁଡୁ। ମୋଟ ୧୪ ଜଣ ମହିଳା ପୁଲିସ ଅଧିକାରୀଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଛି। ଏଥିପାଇଁ ଏକ ଟୋଲ୍ ଫ୍ରି ନମ୍ବର (୬୩୭୨୫୦୦୪୦୦) ମଧ୍ୟ ଜାରି କରାଯାଇଛି। ପିସିଆର ନମ୍ବର ୧୧୨ କୁ କଲ କଲେ ମଧ୍ୟ ଏହି ନମ୍ବରକୁ ଡାଇଭର୍ଟ କରାଯାଉଛି। ଯେଉଁମାନେ ସହାୟତା ପାଇଁ ଏହି ନମ୍ବରକୁ କଲ୍ କରିବେ ସେମାନଙ୍କ ପରିଚୟ ଗୋପନ ରଖାଯିବ। ଏବେ ଖଟି, ମାର୍କେଟ, ପାର୍କ ରେ ସାଦା ପୋଷାକରେ ପଇଁତରା ମାରୁଛନ୍ତି ଏହି ମହିଳା ଟିମ୍। ଆଗକୁ ଏହି ଟିମ୍ ମହିଳାଙ୍କ ଦୁର୍ବ୍ୟବହାର ଓ ନିର୍ଯ୍ୟାତନା ଘଟଣାରେ ଅଭିଯୁକ୍ତଙ୍କୁ ଦୃଢ଼ ହସ୍ତରେ ଦମନ କରିବ ବୋଲି କହିଛନ୍ତି ଡିସିପି।

ଯେଉଁମାନେ ମହିଳା ମହାବିଦ୍ୟାଳୟ ବା ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ବା ମାର୍କେଟ ଅଞ୍ଚଳ ଓ ବିଭିନ୍ନ ସପିଙ୍ଗ୍‌ମଲ ବା ଫିଲ୍ମ ହଲ୍ ବା ଭିଡ଼ ଅଞ୍ଚଳରେ ଜଗିରହି ମହିଳାଙ୍କୁ ଅସଦାଚରଣ କରୁଛନ୍ତି, ଏହି ଟିମ୍ ସାଦା ପୋଷାକରେ ବୁଲିବେ। କୌଣସି ମହିଳା ସହ କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ତୁରନ୍ତ ସେମାନଙ୍କୁ ଅତ୍ୟାଚାରୀଙ୍କ କବଳରୁ ରକ୍ଷା କରିବେ ଏହି ଟିମ୍। ଏନେଇ ହର୍ ଟିମ୍ ପୂର୍ଣ୍ଣସକ୍ରିୟ ହୋଇ ସହରରେ ବିଭିନ୍ନ ସ୍ଥାନରେ ବିଚରଣ କରୁଛନ୍ତି। ଏଥିରେ ଥିବା ମହିଳାଙ୍କୁ ଏ ନେଇ ତାଲିମ ଦିଆଯାଇଛି। ଏଥିରେ କିଛି ମହିଳା କନ୍‌ଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ନବନିଯୁକ୍ତ କନେଷ୍ଟବଲଙ୍କୁ ଦକ୍ଷତାଭିତ୍ତିରେ ଏହି ଟିମ୍‌ରେ ସାମିଲ କରାଯାଇଛି। ସେମାନେ କୌଣସି ପରିସ୍ଥିତିରେ ଜଣେ ଅମାନିଆଙ୍କୁ କାବୁ କରିବା ଭଳି କ୍ଷମତା ବା ମାନସିକତାର ତାଲିମ ଦିଆଯାଇଛି। ଏହି ଟିମ୍ ଭୁବନେଶ୍ୱରର ବିଭିନ୍ନ କଲେଜର ଛାତ୍ରୀ, ମହିଳା ଅଧ୍ୟାପିକା ତଥା ଶିକ୍ଷୟିତ୍ରୀଙ୍କ ଯୋଗାଯୋଗରେ ରହିବେ। ସେହିପରି ବିଭିନ୍ନ କର୍ପୋରେଟ ହାଉସ୍ ହେଉ ବା ବିଭିନ୍ନ ଅଫିସ୍‌ରେ ୧୦ରୁ ଅଧିକ ମହିଳା କାମ କରୁଥିବା ଅଫିସ୍‌ର ମାନବସମ୍ବଳ ବିଭାଗ ବା ଇଣ୍ଟର୍‌ନାଲ କମ୍ପ୍ଲେନ୍ କମିଟିର ସଦସ୍ୟଙ୍କ ଯୋଗଯୋଗରେ ମଧ୍ୟ ରହିବେ। ବିଭିନ୍ନ ଛାତ୍ରୀ ନିବାସ ବା କର୍ମଜୀବୀ ମହିଳା ନିବାସ ବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ମଧ୍ୟ ଯୋଗାଯୋଗରେ ରହିବେ। କୌଣସି ସ୍ଥାନରେ କେଉଁ ମହିଳା ସହ କିଛି ଦୁର୍ଘଟଣା ବା କୌଣସି ଅତ୍ୟାଚାରଜନିତ ଘଟଣା ଘଟିଲେ ଏହି ଟିମ୍ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

### ଆରମ୍ଭରୁ ହେଲାଣି ୬ ମାମଲା

'ହର' ଟିମ ଗଠନ ହେଉ ହେଉ ୬ଟି ମାମଲାରେ ଅଭିଯୁକ୍ତଙ୍କୁ କାବୁକରିଛି। ଗତ ୧୭ ତାରିଖରେ ହାଇଟେକ୍ ମେଡିକାଲ କଲେଜର ଜଣେ ନର୍ସରୁ ଉତ୍ତରପ୍ରଦେଶର ଜଗତପାଲ ଯାଦବ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ନର୍ସ ଜଣକ ଜିଜିପି କଲୋନୀ ରାସ୍ତାରେ ଯିବା ସମୟରେ ଏକ ଦୋକାନ ନିକଟରେ ଠିଆ ହୋଇଥିଲେ। ଏହି ଜଗତପାଲ ଯାଦବ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ। ଖବର ପାଇ ହର୍ ଟିମ୍ ପହଞ୍ଚି ତାକୁ କାବୁ କରିଥିଲା। ସେହିପରି ବୁଧବାର ରାମନବମୀରେ ରାମମନ୍ଦିରରେ ମହିଳାଙ୍କ ଭିଡ଼ରୁ ବାଲେଶ୍ୱରର ଅଭିଜିତ ଗୌରବ ଦାଶ ଫାଇଦା ଉଠାଇଥିଲେ। ସେ ଭିଡ଼ିରେ ପଶି ମହିଳାଙ୍କୁ ଅସଦାଚରଣ କରିଥିଲେ। ସାଧା ପୋଷାକରେ ଜଗିଥିବା ହର୍ ଟିମ୍ ତାକୁ କାବୁ କରିଥିଲେ। ସେହିପରି ଗତ ୧୦ ତାରିଖରେ ଭରତପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଜଣେ ବ୍ୟକ୍ତି ଅଶ୍ଳୀଳ ଇଙ୍ଗୀତ କରିଥିଲା। ଖବର ପାଇ ହର ଟିମ୍ ଅଭିଯୁକ୍ତକୁ ଗିରଫ କରିଥିଲା।

## ଟଙ୍କା ନେଇଗଲେ ଘରୋଇ ସହାୟିକା

ଭୁବନେଶ୍ୱର, ୧୮ ।୪(ସମିସ): ଘର କାମ କରିବାକୁ ସହାୟିକାକୁ ଆଣିଥିଲେ। ହେଲେ ସହଯୋଗ କରିବା ବଦଳରେ ଘରୁ ଟଙ୍କା ନେଇଗଲେ। ଏଭଳି ଘଟଣା ବଡ଼ଗଡ଼ ଥାନା ବ୍ରହ୍ମେଶ୍ୱର ବାଗରେ ଦେଖିବାକୁ ମିଳିଛି। ଏନେଇ ଘର ମାଲିକ ଗୌରାଙ୍ଗ ପ୍ରସାଦ ପରିଜା ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଗୌରାଙ୍ଗ ଘର କାମ କରିବା ପାଇଁ ସହାୟକ ଆଣିଥିଲେ। ତାଙ୍କୁ ମାସକୁ ୧୨ହଜାର ଟଙ୍କା ଦେବେ ବୋଲି କହିଥିଲେ। କାମକୁ ୩ଦିନ ଆସିବା ପରେ ସେ ଘରୁ ୯ହଜାର ଟଙ୍କା, ମୋବାଇଲ୍ ଫୋନ୍ ଏବଂ ଲୁଗାପଟା ନେଇଥିଲେ।

### ସ୍ୱାବଲମ୍ବୀ ହେବେ ଝାରପଡ଼ା ଜେଲ୍ ଅନ୍ତେବାସୀ

## କଏଦୀ ଶିଖିଲେ ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି

ଭୁବନେଶ୍ୱର, ୧୮ ।୪(ସମିସ)

ଝାରପଡ଼ା ଜେଲ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଗୋଟିଏ ପରେ ଗୋଟିଏ ଆତ୍ମନିର୍ଭରଶୀଳ ଯୋଜନା କରି ସ୍ୱାବଲମ୍ବୀ କରୁଛି ଜେଲ୍ ବିଭାଗ। ଝାରପଡ଼ା ଜେଲର ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଆଉ ପାଦେ ଆଗେଇଛି ବିଭାଗ। ଏଣିକି ଝାରପଡ଼ା ଜେଲରେ ରହୁଥିବା କଏଦୀ ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି କରିବେ। କେବଳ ବଲ୍‌ବ ପ୍ରସ୍ତୁତି ନୁହେଁ ଖରାପ ହୋଇଯାଇଥିବା ବଲବ୍‌କୁ ବି ସଜାଡ଼ି ପାରିବେ। ଏଥିଲାଗି ଝାରପଡ଼ା ଜେଲର ୩୦ ଜଣ କଏଦୀଙ୍କୁ ଧନ୍ଦାମୂଳକ ତାଲିମ୍ ପ୍ରଦାନ କରାଯାଇଛି। ଘରମାନଙ୍କରେ ଏଲ୍‌ଇଡି ବଲ୍‌ବର ବ୍ୟବହାର ବଢ଼ିଥିବାରୁ ଏହି ପଦକ୍ଷେପ ନିଆଯାଇଛି।

୬ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ଆଜି ଥିଲା ଉଦ୍‌ଘାଟନୀ ଦିବସ। ଏହାକୁ ଜିଲ୍ଲା ଜର୍ଜ ନିଶିତ ନିଶାଙ୍କ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୌଦାମିନୀ ସିଂ, ଜେଲ୍ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ, ସରକାରୀ ଆଇଟିଆଇର ଅଧ୍ୟାପକ ସୁଶାନ୍ତ ମିଶ୍ର ଓ ବାଇଧର ସାହୁ ମଧ୍ୟ ଉପସ୍ଥିତ ରହିଥିଲେ। ତେବେ ଅନ୍ତେବାସୀମାନେ କିପରି ଜେଲରୁ ବାହାରିଲା ପରେ ନିଜେ ଆତ୍ମନିର୍ଭରଶୀଳ ତଥା ରୋଜଗାରକ୍ଷମ ହୋଇପାରିବେ ଏହାର ମୂଳଲକ୍ଷ ରହିଛି ବୋଲି ଜେଲର୍ ପ୍ରସନ୍ନ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜେଲ ବିଭାଗରେ '୫-ଟି' ଓ ମୋ ସରକାର ଲାଗୁ ହେବା ପରେ ବଦଳୁଛି କାରାଗାରଗୁଡ଼ିକର ଚେହେରା। ଜେଲ ମାନୁଆଲ ବଦଳିବା ପରେ କଏଦୀଙ୍କ ସ୍ୱାବଲମ୍ବୀ କରିବା ଉପରେ ଜେଲ ବିଭାଗ ଅଧିକ ଗୁରୁତ୍ୱ ଦେଉଛି।

**୩୦ ଜଣଙ୍କୁ ଧନ୍ଦାମୂଳକ ତାଲିମ୍**



### ଜିଆ ଖତ ପ୍ରସ୍ତୁତି ପ୍ରଣାଳୀ ଶିଖୁଛନ୍ତି ୩୨ କଏଦୀ

ଜେଲରୁ ମୁକୁଳିବା ପରେ ଅପରାଧ ଦୁନିଆରେ ପାଦ ନ ଦେଇ ଆତ୍ମନିର୍ଭରଶୀଳ ହେବାର କୌଶଳ ଶିଖୁଛନ୍ତି ଅନ୍ତେବାସୀ। ଝାରପଡ଼ା ଜେଲରେ ରହୁଥିବା ୩୨ଜଣ ଅନ୍ତେବାସୀଙ୍କୁ ଜିଆ ଖତ ଓ ଆଧୁନିକ ପ୍ରଣାଳୀରେ ଚାଷ କରିବା ବିଷୟରେ ତାଲିମ୍ ଦିଆଯାଇଛି। ଏବେ ଜିଆ ଖେଳର ଅଧିକ ଚାହିଦା ରହିଛି। ତେଣୁ ଜିଆ ଖତର ପ୍ରସ୍ତୁତି ପ୍ରଣାଳୀ କଏଦୀଙ୍କୁ ଶିଖାଯାଉଛି। ସେଭଳି ନୂଆ ନୂଆ ଶୈଳୀରେ ଆଧୁନିକ ଚାଷ କରାଯାଉଛି। ବର୍ଷା, ଖରା ଓ ଶୀତ ଦାଉରୁ ରକ୍ଷା କରିବା ସହ ସ୍ୱଳ୍ପ ଜମିରେ କିଭଳି ଆଧୁନିକ ପ୍ରଣାଳୀରେ ଚାଷ କରିପାରିବେ କଏଦୀଙ୍କୁ ସେ ନେଇ ତାଲିମ୍ ଦିଆଯାଉଛି। ଝାରପଡ଼ା ଜେଲ୍‌ରେ ଋତୁକାଳୀନ ବ୍ରୋକଲିଂ, କଲରା, ମୂଳ. ଗାଜର, ବିଟ୍, ଧନିଆ, ଶାଗ ଆଦି ପନିପରିବା ଓ ଫୁଲ ଚାଷ କରାଯାଉଛି। ଏସବୁ ଚାଷ ଅନ୍ତେବାସୀଙ୍କ ଦ୍ୱାରା ବିନା ରାସାୟନିକ ପଦ୍ଧତିରେ କିଭଳି ଚାଷ ହୋଇପାରିବ ତାକୁ ନେଇ ତାଲିମ୍ ଦିଆଯାଉଛି।

### ମିଛ ନିବେଶ; ସତ ଠକେଇ

# ସାଇବର୍ ଠକ ଦମ୍ପତିଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୧୮ ।୪(ସମିସ)

ପୁଞ୍ଜି ନିବେଶରେ ୨୦ ପ୍ରତିଶତ ସୁଧ ଦେବାକୁ କହି ଟେଲିଗ୍ରାମ୍‌ରେ ଠକେଇ ସାମ୍ରାଜ୍ୟ ଚଳାଇଥିଲେ। ଗୁରୁବାର ଟେଲିଗ୍ରାମ୍‌ରେ ଠକେଇ କରୁଥିବା ଏକ ଗ୍ୟାଙ୍ଗ୍‌କୁ ନିଜ କବ୍‌ଜାକୁ ନେଇଛି ସାଇବର୍ ଥାନା ପୁଲିସ। ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ଦମ୍ପତିଙ୍କ ସମେତ ୪ଜଣଙ୍କୁ ଗିରଫ କରିଛଇ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଏୟାରଫିଲ୍ଡ ଥାନା ଏକାମ୍ର ବିହାରର ତୃପ୍ତିରଞ୍ଜନ ପାତ୍ର(୨୧), ତାଙ୍କ ପତ୍ନୀ ବନଲତା ସାହୁ(୨୭), ମାନସ ରଞ୍ଜନ ସୁନା(୩୫), କଣ୍ଟିଲୋର ନିହାର ରଞ୍ଜନ ପାଇକରାୟ (୨୪)। ସେମାନଙ୍କ ଠାରୁ ୪୬ଟି ମ୍ୟୁଲ୍ ଆକାଉଣ୍ଟ ଓ ମୋବାଇଲ୍ ଫୋନ୍ ଜବତ ହୋଇଛି। ସେଭଳି ଗ୍ୟାଙ୍ଗ୍ ଚଳାଇ ଟେଲିଗ୍ରାମ୍ ଜାଲ ବିଛାଇ ଠକେଇ କରୁଥିବା କିଙ୍ଗପିନ୍‌କୁ ଚିହ୍ନଟ କରାଯାଇଛି। ସେ ରାଜ୍ୟ ବାହାରେ ରହି ଗ୍ୟାଙ୍ଗ୍‌କୁ ଅପରେଟ୍ କରୁଥିଲା। ତାଙ୍କୁ ଧରିବା ଲାଗି ଚଢ଼ଉ ଜାରିରହିଛି। ସେହିପରି ଏଟିଏମ୍ କାଉଣ୍ଟରରେ ଅତିଶୀଘ୍ର ଫୋନ୍ ନମ୍ବର ବଦଳାଇବାର ଯେଉଁ ବ୍ୟବସ୍ଥା ରହିଛି, ତାକୁ ଆହୁରି ସୁଦୃଢ଼ କରିବାକୁ ଆର୍‌ବିଆଇ ଚିଠି ଲେଖାଯାଇଛି।

ଅନ୍ୟପକ୍ଷରେ ଠକେଇରେ ଆକାଉଣ୍ଟଗୁଡ଼ିକୁ ଅଚଳ କରି ଦିଆଯାଉଛି। ଗ୍ୟାଙ୍ଗ୍ ଅପରେଟ୍ କରୁଥିବା ଠକମାନେ ପୁଣି ଆକାଉଣ୍ଟଧାରୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ପୁନଶ୍ଚ ସେମାନଙ୍କ ନାମରେ ଆକାଉଣ୍ଟ ଖୋଲି ଦିଆଯାଉଛି। ଏହାକୁ ନିୟନ୍ତ୍ରଣରେ ଆଣିବାକୁ କମିସନରେଟ୍ ପୁଲିସ ନୂଆ ଯୋଜନା କରିଛି। ଠକେଇ ଟଙ୍କା ଯାଉଥିବା ବେନାମୀ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କ ଆର୍ଥିକ କାରବାରର ଖୋଳତାଡ଼ ସହ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

### ହଜାରେ ଟଙ୍କା ଲୋଭରେ ୧୧ ଲକ୍ଷ ଗୋଲ୍

ଫେବୃଆରୀ ୧୭ ତାରିଖରେ ଅଭିଯୋଗକାରୀ ଅବଦୁଲ ଆକବର ଖାନ୍‌ଙ୍କୁ ମୋବାଇଲ ଫୋନ୍‌କୁ ଟେଲିଗ୍ରାମ୍‌ର ଏକ ଲିଙ୍କ୍ ଆସିଥିଲା। ତାଙ୍କୁ ଏକ ୱେବ୍‌ସାଇଟ୍‌ରେ ରେଟିଂ ଦେବାକୁ କୁହାଯାଇଥିଲା। ସେଥିରେ ରେଟିଂ ଦେଲେ କିଛି ଟଙ୍କା ମିଳିବ ବୋଲି କୁହାଯାଇଥିଲା। ସେ ପ୍ରଥମେ ୫ହଜାର ଟଙ୍କା ନିବେଶ କରିଥିଲେ। ନିବେଶ କରିବାର ୨୪ ଘଣ୍ଟା ପରେ ୬ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିଥିଲା। ନିବେଶ ଟଙ୍କା ସହ ୧ହଜାର ଟଙ୍କା ସୁଧ ଆକବରଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ଆହୁରି ଟଙ୍କା ନିବେଶ କଲେ ଅଧିକ ଟଙ୍କା ମିଳିବା ଆଶା ଦେଖାଇଥିଲେ ଠକ। ଟଙ୍କା ନିବେଶ ଲୋଭ ଦେଖାଇ ଆକବରଙ୍କ ଠାରୁ ୧୧ ଲକ୍ଷ ଟଙ୍କା ନେଇଯାଇଥିଲେ ଠକ। ଟଙ୍କା ନ ମିଳିବାରୁ ଗତ ୪ ତାରିଖରେ ଆକବର ସାଇବର୍ ଥାନାରେ ଅଭିଯୋଗ କରିଥିଲେ।

### ଆକାଉଣ୍ଟ ପିଛା ୧୫ହଜାର

ଆକାଉଣ୍ଟଧାରୀଙ୍କ ଠିକଣା ନେଇ ଆଉ ଏକ ଡମି ଆକାଉଣ୍ଟ ପ୍ରସ୍ତୁତ କରାଯାଉଛି। ଆକାଉଣ୍ଟକୁ ଟ୍ରେଡିଂ ଲାଗି ବ୍ୟବହାର କରାଯିବ ବୋଲି ଆକାଉଣ୍ଟଧାରୀଙ୍କୁ କୁହାଯାଉଛି। ଡମି ଆକାଉଣ୍ଟର ମୋବାଇଲ ନମ୍ବରକୁ ଏଟିଏମ୍ କାଉଣ୍ଟରକୁ ଯାଇ ଠକମାନେ ବଦଳାଇ ଦେଉଛନ୍ତି। ଗ୍ୟାଙ୍ଗ୍ ମୁଖିଆ ଦେଇଥିବା ନମ୍ବରଟି ସେଥିରେ ଯୋଡ଼ି ଦେଉଛନ୍ତି। ଫଳରେ ଆକାଉଣ୍ଟରେ ଟଙ୍କା ନେଣଦେଣ ସମ୍ପର୍କିତ ଯେତେ ବି ମେସେଜ୍ ଆସିବ, ତାହା ଆକାଉଣ୍ଟଧାରୀଙ୍କ ନିକଟକୁ ନ ଯାଇ ଗ୍ୟାଙ୍ଗ୍ ମୁଖିଆ ଦେଇଥିବା ନମ୍ବରରେ ଯାଉଛି। ପରେ ଆକାଉଣ୍ଟଗୁଡ଼ିକ ବ୍ୟବହାର କରି ଠକେଇ ଶିକାର ବ୍ୟକ୍ତିଙ୍କ ଟଙ୍କା ଏହି ବେନାମୀ ଆକାଉଣ୍ଟଗୁଡ଼ିକ ଟଙ୍କା ଯାଉଛି। ଆକାଉଣ୍ଟଧାରୀଙ୍କୁ ମାସକୁ ୫ରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି। ତେବେ ଠକେଇ ଶିକାର ବ୍ୟକ୍ତିଙ୍କ ଠାରୁ ବହୁଦିନ ଧରି ଠକେଇ ଶିକାର ହେଲା ପରେ ବି ଜାଣିପାରୁନାହାନ୍ତି। ଠକେଇ କଥା ଜାଣି ଥାନାରେ ଅଭିଯୋଗ କଲା ବେଳକୁ ଠକେଇ ଟଙ୍କା ଏକାଧିକ ଆକାଉଣ୍ଟକୁ ଟ୍ରାଞ୍ଜାକ୍ସନ କରାଯାଇ ଠକମାନେ ଚଲୁ କରି ଦେଉଛନ୍ତି।





- ଖୋଲିଲା ୧୧ ଲକ୍ଷ ଟେଲିଗ୍ରାମ୍ ଠକେଇ ଗୁମର
- ବ୍ୟାଙ୍କ୍ ପାସ୍‌ବୁକ୍ ସହ ୪୬ ବେନାମୀ ଆକାଉଣ୍ଟ ଜବତ
- ରାଜ୍ୟ ବାହାରେ କିଙ୍ଗ୍‌ପିନ୍; ଧରିବାକୁ ପୁଲିସର ଚଢ଼ଉ

### ତୃପ୍ତିଙ୍କ ପତ୍ନୀଙ୍କ ଆକାଉଣ୍ଟରେ ୪୬ଲକ୍ଷ ନେଣଦେଣ

ଆକବରଙ୍କ ଠାରୁ ଯାଇଥିବା ଟଙ୍କା ୪ଟି ଆକାଉଣ୍ଟକୁ ଯାଇ ୧୬ ଆକାଉଣ୍ଟକୁ ଭାଗ ହୋଇଯାଇଥିବା ତଦନ୍ତରୁ ପଦାକୁ ଆସିଥିଲା। ପ୍ରଥମ ଟଙ୍କା ଯାଇଥିବା ଆକାଉଣ୍ଟଧାରୀ ନିହାର ନିକଟରେ ପୁଲିସ ପହଞ୍ଚିଥିଲା। ତାଙ୍କୁ ପଚରାଉଚରା ପରେ ଅନ୍ୟତମ ଅଭିଯୁକ୍ତ ମାନସଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ଆହୁରି ତଦନ୍ତ କରିବା ପରେ ଗ୍ୟାଙ୍ଗ୍ ଅପରେଟ୍ କରୁଥିବା ମୁଖିଆ ତୃପ୍ତିରଞ୍ଜନର ସମ୍ପୃକ୍ତି ପଦାକୁ ଆସିଥିଲା। ତୃପ୍ତି ଭୁବନେଶ୍ୱରରେ ରହି ଏଜେଣ୍ଟ ହିସାବରେ ବେନାମୀ ଆକାଉଣ୍ଟ କରୁଥିଲେ। ଠକେଇ ପଛରେ ତୃପ୍ତିରଞ୍ଜନ ଦ୍ୱାରା ଏକ ଘରୋଇ ବ୍ୟାଙ୍କରେ ୪୨ଟି ଆକାଉଣ୍ଟ ଖୋଲିଛି। ସେଥିମଧ୍ୟରୁ ଗୋଟିଏ ଆକାଉଣ୍ଟରେ ୪୬ ଲକ୍ଷ ଟଙ୍କାର ନେଣଦେଣ ହୋଇଥିବା ତଦନ୍ତରୁ ପଦାକୁ ଆସୁଛି।

### ଲୋକଙ୍କୁ କେମିତି ଫସାଉଛନ୍ତି ଦୁର୍ବୃତ୍ତ

ପୁଞ୍ଜିନିବେଶ, ୱାର୍କଫର୍ମ ହୋମ୍, ରେଟିଂ ଦେବା ଆଳରେ ଟେଲିଗ୍ରାମ୍ ଦ୍ୱାରା ଅଫର୍ ଦିଆଯାଉଛି। ଏହାକୁ ଦେଖି ସେଥିରେ ଥିବା ଲିଙ୍କ୍ କ୍ଲିକ କରିବା ମାତ୍ରେ ତୁରନ୍ତ ତାକୁ ସୋସିଆଲ ମିଡିଆ 'ଟେଲିଗ୍ରାମ'ର ଏକ ଗ୍ରୁପ୍‌ରେ ଯୋଡ଼ି ଦିଆଯାଉଛି। ଥରେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହେବା ପରେ ସେଥିରେ ଆକ୍ଟିଭ ଥିବା ସାଇବର ଠକ ରୋଜଗାରର ଲୋକ ଦେଖାଉଛନ୍ତି। ସୋସିଆଲ୍ ମିଡିଆ ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଗୁଗଲ ୱେବ୍‌ସାଇଟ୍‌ରେ ଲାଇକ୍, ସେୟାର ଓ ଭଲଭଲ କମେଣ୍ଟ ଦେଲେ ମୋଟା ଟଙ୍କା ମିଳିବ ବୋଲି କୁହାଯାଉଛି। ଗ୍ରୁପ୍‌ରେ ଥିବା ୟୁଜର୍ସ କିଭଳି ରୋଜଗାର କରୁଛନ୍ତି ତାହାର ଜାଲ ବ୍ୟାଙ୍କ ତଥ୍ୟ ପ୍ରଦାନ କରାଯାଉଛି। ଯିଏ ଏହି କଥାକୁ ବିଶ୍ୱାସ କଲା ତାହାକୁ ସାଇବର ଠକ ଫସାଇବା ଆରମ୍ଭ କରିଥାଏ। ପ୍ରଥମେ ଲାଇକ୍, ସେୟାର କରିବାକୁ କିଛି ଟାସ୍କ ଦିଆଯାଉଛି। ପରେ ତୁରନ୍ତ କିଛି ଟଙ୍କା ମିଳିବା ଆରମ୍ଭ ହେଉଛି। ଏହାପରେ ବଡ଼ ବଡ଼ ଟାସ୍କ କରିବାକୁ ହେଲେ ଉକ୍ତ ବ୍ୟକ୍ତିକୁ ଆଗ୍ରୀମ ଟଙ୍କା ଦେବାକୁ କୁହାଯାଉଛି। ଏହି ଲୋଭନୀୟ ଅଫର୍‌ରେ ପଡ଼ି ଟଙ୍କା ନିବେଶ ଆରମ୍ଭ କରୁଛି। ପ୍ରଥମେ ଛୋଟ ଛୋଟ ଟାସ୍କ ଦିଆଯାଇ କିଛି ଟଙ୍କା ଆକାଉଣ୍ଟକୁ ଦିଆଯାଉଛି। ଏଥିରେ ଟଙ୍କା ନିବେଶ କରୁଥିବା ଜମାକାରୀଙ୍କ ବିଶ୍ୱାସ ଆସିବା ପରେ ଅଧିକ ଟଙ୍କା ନିବେଶ କରିବାକୁ କୁହାଯାଉଛି। ଯେତେବେଳେ ଜମାକାରି ଅଧିକ ଟଙ୍କା ନିବେଶ କରୁଛି, ସେଇ ସମୟରେ ଠକେଇ ଗ୍ୟାଙ୍ଗ୍ ବ୍ଲାକମେଲିଂ ଆରମ୍ଭ କରିଦେଉଛି। ତାଙ୍କର ଟଙ୍କା ଅଟକି ଯାଇଛି, ଆଉ କିଛି ଟଙ୍କା ନିବେଶ କଲେ ମୂଳ ଓ ସୁଧ ସହ ଏକାଥରରେ ଟଙ୍କା ମିଳିବ ବୋଲି କୁହାଯାଉଛି। ଏପରିକି ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଜମା ହୋଇଥିବାର ଜାଲ୍ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ ମଧ୍ୟ ଦିଆଯାଉଛି। ଜମାକାରୀ ଠକଙ୍କ ଟ୍ରାପ୍‌ରେ ପଡ଼ି ଟଙ୍କା ନିବେଶ କରି ଚାଲୁଥାଏ। ପୂର୍ବରୁ ଯେତେ ବି ଟଙ୍କା ନିବେଶ କରିଛି, ତାହା ବୁଡ଼ିଯିବା ଭୟରେ ସେ ଅଧିକ ଟଙ୍କା ନିବେଶ କରୁଛନ୍ତି ଜମାକାରୀ। ଏମିତି କି ଧାର, ଋଣ ନେଇ ସେଥିରେ ନିବେଶ କରୁଛନ୍ତି ଜମାକାରୀ।





# ତିନି ଦିନରେ ମାଉସୀ ମା'ରେ ପହଞ୍ଚିଲା ରୁକୁଣା ରଥ

ଭୁବନେଶ୍ୱର, ୧୮ ।୪(ସମିସ)

ଦୁଇ ଦିନର ପ୍ରତୀକ୍ଷାରେ ଅନ୍ତ ଘଟିଛି । ଗୁରୁବାର ସନ୍ଧ୍ୟାରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ମାଉସୀ ମା' ତଥା ରାମେଶ୍ୱର ମନ୍ଦିରରେ ପହଞ୍ଚିଛି । ରଥରୁ ଓହ୍ଲାଇ ମହାପ୍ରଭୁ ଶ୍ରୀଲିଙ୍ଗରାଜ ରାମେଶ୍ୱର ମନ୍ଦିରକୁ ବିଜେ କରିଛନ୍ତି । ସେବାୟତମାନେ ଠାକୁରଙ୍କୁ ପହଣ୍ଡି କରି ମନ୍ଦିର ଭିତରକୁ ନେଇଛନ୍ତି । ସାଙ୍ଗରେ ଭଉଣୀ ମା' ରୁକ୍ମିଣୀ ଓ ଶ୍ରୀଦୋଳଗୋବିନ୍ଦ ମଧ୍ୟ ମାଉସୀ ମା' ମନ୍ଦିରକୁ ଯାଇଛନ୍ତି ।

ଆଜି ସକାଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସରିବା ପରେ ରଥ ଉପରେ ଶ୍ରୀଜିଉଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ କରାଯାଇଥିଲା । ପୂର୍ବାହ୍ନରେ ରୁକୁଣା ରଥ ଉପରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇ ବେଶ ଓ ସକାଳ ଧୂପ କରାଯାଇଥିଲା । ଅପରାହ୍ଣ ୩ଟାରେ ରଥ ଟଣା ହୋଇଥିଲା । ଗତ ଦୁଇ ଦିନ ଧରି ଉପୁଜୁଥିବା ବିଭ୍ରାଟ ଆଜି ଦେଖାଦେଇନଥିଲା । ଅସୁଲ କିଆରି ପାଖରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହୋଇଥିଲା । ଶେଷରେ ସନ୍ଧ୍ୟା ୬ଟା ୨୩ରେ ରଥ ରାମେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲା । ଚଳିତ ବର୍ଷ ରୁକୁଣା ରଥ ଦୁଇ ଦୁଇ ଥର ରଥଦାଣ୍ଡରେ ଅଟକି ରହିଥିଲା ଓ ଠାକୁର ରଥରେ ଦୁଇ ଦିନ ରହି ପୂଜା ପାଇଥିଲେ । ପ୍ରଥମ ଦିନ ରଥଟଣା ବିଳମ୍ବିତ ହେବା ସହ ମୈତ୍ରୀଶ୍ୱର ମନ୍ଦିର ନିକଟରେ ଚକା ଦବି ଯାଇଥିବାରୁ ରଥ ଆଗକୁ ବଢ଼ିପାରିନଥିଲା । ସେହିଭଳି ପରଦିନ ଅର୍ଥାତ୍ ବୁଧବାର ତିନି ମୁଣ୍ଡିଆ ଛକଠାରେ ସଡ଼କ ଦବି ଯିବାରୁ ରଥ ଆଉ ଆଗକୁ ଗଡ଼ି ପାରିନଥିଲା । ଗୁରୁବାର ରାମେଶ୍ୱର ମନ୍ଦିର ବିଧି ମୁତାବକ ମହାପ୍ରଭୁଙ୍କର ଭେଟ ଆଳତି ଅନୁଷ୍ଠିତ ହୋଇଥିଲା । ଏହି ଆଳତି ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।



ଭେଟ ଆଳତି ଦେଖିବାକୁ ଭିଡ଼

ଗତ ଦୁଇ ଦିନରେ ଉପୁଜୁଥିବା ରଟଟଣାଜନିତ ବିଭ୍ରାଟ ଯୋଗୁଁ ସାଧାରଣ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ମନ୍ଦିର ପ୍ରଶାସନ ଉପରେ ଖପ୍ପା ହୋଇଥିଲେ । ରଥର ବିଭିନ୍ନ ସେବାରେ ନିୟୋଜିତ ସେବାୟତମାନେ ମଧ୍ୟ ତାଙ୍କ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନା କରୁନଥିବା ଯୋଗୁଁ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ବିଶେଷକରି ରାମନବମୀ ଭଳି ପବିତ୍ର ଦିନରେ ହରିହର ଭେଟ ହେଲାନି । ବିଧି ମୁତାବକ ପ୍ରଭୁଙ୍କ ପରମ୍ପରା ରକ୍ଷା ହୋଇପାରିଲାନି । ଏହି ଘଟଣା ଗତକାଲି ହଜାର ହଜାର ଶ୍ରଦ୍ଧାଳୁଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା । ତେଣୁ ଆଜି ମନ୍ଦିର ପ୍ରଶାସନ ସଚେତନ ହେବା ସହ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପୁଲିସ, ସେବାୟତ ଓ ଶ୍ରଦ୍ଧାଳୁମାନେ ମିଶି ରଥ ଟଣା ସୂଚାରୁ ରୂପେ ସମ୍ପାଦନା କରିଥିଲେ । ଫଳସ୍ୱରୂପ ମହାପ୍ରଭୁଙ୍କ ରଥ ରାମେଶ୍ୱର ମନ୍ଦିର ନିକଟରେ ସନ୍ଧ୍ୟା ସୁଦ୍ଧା ପହଞ୍ଚି ପାରିଥିଲା ।

## ସରିଲା ହେରା ଦଶମୀ ଯାତ୍ରା: ମା' ପାର୍ବତୀ ଭାଙ୍ଗିଲେ ରୁକୁଣା ରଥ

ଭଉଣୀ ମା' ରୁକ୍ମଣୀ ଓ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଲିଙ୍ଗରାଜ ରୁକୁଣା ରଥରେ ଚଢ଼ି ବିଶାଳ ପଟୁଆରରେ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଛନ୍ତି । କିନ୍ତୁ ମା' ପାର୍ବତୀଙ୍କୁ ସାଙ୍ଗରେ ନେଇନାହାନ୍ତି । ସ୍ୱାମୀଙ୍କ ଏଭଳି କାମ ଯୋଗୁଁ କ୍ରୋଧାନ୍ୱିତ ହୋଇଛନ୍ତି ମା' ପାର୍ବତୀ । ତେଣୁ ରାଗ ଶୁଝାଇବାକୁ ଯାଇ ଆଜି ମା' ପାର୍ବତୀ ରୁକୁଣା ରଥକୁ ଭାଙ୍ଗି ଦେଇଛନ୍ତି । ହେରା ଦଶମୀ ଅବସରରେ ଏହି ରଥ ଭଙ୍ଗା ନୀତି ଆଜି ବଡ଼ ମନୋରମ ପରିବେଶରେ ସମ୍ପନ୍ନ ହୋଇଛି । ବିଧି ଓ ପରମ୍ପରା ଅନୁସାରେ ଚୈତ୍ର ମାସ କୃଷ୍ଣ ପକ୍ଷ ଦଶମୀ ତିଥିରେ ମା' ପାର୍ବତୀଙ୍କ ହେରା ଦଶମୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଆଜି ଥିଲା ଏହି ବିଧି ପାଳନର ଅବସର । ଲିଙ୍ଗରାଜ ମନ୍ଦିରରେ ସନ୍ଧ୍ୟା ଧୂପ ପରେ ମା'ପାର୍ବତୀ ପାଲିଙ୍କିରେ ବସି ସେବାୟତଙ୍କ ଗହଣରେ ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କୁ ସାଙ୍ଗରେ ନ ଆଣି ପ୍ରଭୁ କ'ଣ କରୁଛନ୍ତି ବୋଲି ସେ ବୁଝିବାକୁ ଆସିଥିଲେ । ପ୍ରଭୁଙ୍କ ସହ ବଚନିକା ହୋଇଥିଲା । କାହିଁକି ଏହି ଯାତ୍ରାରେ ତାଙ୍କୁ ଆଣିଲେ ନାହିଁ ବୋଲି ମା'ଙ୍କ ସେବାୟତମାନେ ବଚନିକାରେ ପ୍ରଶ୍ନ କରିଥିଲେ । ଏହି ଅବସରରେ ଦେବାଦେବୀଙ୍କ ଭେଟ ଆଳତି ଅନୁଷ୍ଠିତ ହୋଇଥିଲା । ଏହା ପରେ ମା' ରାଗରେ ରାମେଶ୍ୱର ମନ୍ଦିର ଦୁଆର ମୁହଁରୁ ନିଜ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ରାଗ ଥମିନଥିଲା । ତେଣୁ ଫେରିବା ବାଟରେ ସେ ରୁକୁଣା ରଥର ଏକ କାଠକୁ ଭାଙ୍ଗି ଦେଇଥିଲେ । ଉଲ୍ଲେଖଥାଉ କି, ରୁକୁଣା ରଥ ଅଣଲେଉଟା । ରଥ ମୋଡ଼ ନେବ ନାହିଁ । ତେଣୁ ଆସନ୍ତା ଶନିବାର ରୁକୁଣା ରଥର ସିଂହାସନର ମୋଡ଼ ବଦଳାଯିବ । ଫଳରେ ରଥର ପଶ୍ଚାତ୍ ଭାଗ ବଦଳି ସମ୍ମୁଖ ଭାଗ ହୋଇଯିବ । ଏଥିସହିତ ଘୋଡ଼ାମାନଙ୍କୁ ଖୋଲାଯାଇ ନୂଆ ସମ୍ମୁଖ ଭାଗରେ ଯୋଚାଯିବ । ପରେ ପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ।

# ଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା



ଭୁବନେଶ୍ୱର, ୧୮ ।୪(ସମିସ)

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଅକ୍ଷୟ କୁମାର ସାହୁ, ସାମ୍ବାଦିକ ରାଜନ କୁମାର ଆଚାର୍ଯ୍ୟ, ଚିନ୍ତା ଚେତନାର ମହାସଚିବ ସୁରେନ୍ଦ୍ର ଦାସ, ସମାଜସେବୀ ରଶ୍ମି ମହାପାତ୍ର, ଅକ୍ଷୟ ଜେନା, ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ, ସମ୍ପାଦକ ଦୀପକ ଦାଶ ଯୋଗ ଦେଇଥିଲେ । ଉପସଭାପତି ଦୁର୍ଗା ପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସମେତ ଗୁରୁ ଗଜେନ୍ଦ୍ର ପଣ୍ଡା, ପ୍ରତିଭା ପଣ୍ଡା ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଡ. ସୁଜାତା ମିଶ୍ର ଓ ସାଥୀଙ୍କ ଦ୍ୱାରା ଶିବତାଣ୍ଡବ ନୃତ୍ୟ ଓ ଡ୍ୟାନ୍ସ ଡ୍ରାମା ପରିବେଷିତ ହୋଇଥିଲା । ପରେ କୋଲକାତାର ଗୁରୁ ତାପସ ଦେବନାଥ ଓ ସାଥୀଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ବିଶାଖାପାଟଣାରୁ ଆସିଥିବା ରାଧେଶ୍ୟାମ ତରାଇଙ୍କ କୁଚୁପୁଡ଼ି ନୃତ୍ୟ, ଗୁରୁ ରମାକାନ୍ତ ସାହୁ ଓ ସାଥୀଙ୍କ ଦ୍ୱାରା ମହାକାଳୀ ମହାଦୁର୍ଗା ନୃତ୍ୟ, ଶ୍ରୀ ସାଇ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ୍ ନୃତ୍ୟ, ରାଉରକେଲାର ଅଷ୍ଟ କଳାକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ ।

# ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲ୍‌କୁ ଆନନ୍ଦ ମହିନ୍ଦ୍ରାଙ୍କ ପ୍ରଶଂସା



ଭୁବନେଶ୍ୱର, ୧୮ ।୪(ସମିସ): ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ତାଙ୍କ 'ଏକ୍ସ' ହାଣ୍ଡେଲ୍‌ରେ ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲ୍‌କୁ ଭୂୟସୀ ପ୍ରଶଂସା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହା ଏକ ସୁନ୍ଦର ଓ ଲୋକାଭିମୁଖୀ ପ୍ରକଳ୍ପ । ଯାହା ଏକାଧିକ ରୋଗୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବ । ସେ ଆହୁରି ଲେଖିଛନ୍ତି, କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ଏହା ଉଭୟ ଦେଶ ଏବଂ ରାଜ୍ୟରେ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରିଛି । ଏଥିପାଇଁ ସେ ସେ ବାଗଚୀ ଦମ୍ପତିଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥିସହ ଏହି ଚିକିତ୍ସା ସମ୍ବନ୍ଧୀୟ ବାର୍ତ୍ତାକୁ ଅଧିକରୁ ଅଧିକ ପ୍ରେରିତ କରିବା ପାଇଁ ସେ ଉଲ୍ଲେଖ କରିଛନ୍ତି । ଅଧିକ ଲୋକଙ୍କ ପାଖରେ ଏ ସମ୍ବନ୍ଧୀୟ ବାର୍ତ୍ତା ପହଞ୍ଚିପାରିଲେ ଚିକିତ୍ସା ପାଇବାକୁ ଅପେକ୍ଷାରତ ରୋଗୀ ଉପକୃତ ହୋଇପାରିବ ବୋଲି ସେ ଦର୍ଶାଇଛନ୍ତି । ଏହି ପୋଷ୍ଟକୁ ବହୁତ ଲୋକ ପସନ୍ଦ କରିବା ସହ ବାଗ୍‌ଚୀ ଦମ୍ପତିଙ୍କର ଏତାଦୃଶ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ବଢୁଛି ନୂଆ ତରିକାରେ ସାଇବର୍ ଠକେଇ

ଭୁବନେଶ୍ୱର, ୧୮ ।୪(ସମିସ)

ସାଇବର୍ ଠକଙ୍କ ଉତ୍ପାତ ଯେତିକି ବୃଦ୍ଧିପାଉଛି, ଠକେଇର ନୂଆ ନୂଆ ତରିକା ସାମ୍ନାକୁ ଆସୁଛି । ସାଇବର୍ ଠକମାନେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଫଟୋ ରଖି ଅନେକ ଲୋକଙ୍କ ପାଖକୁ ଧମକପୂର୍ଣ୍ଣ କଲ୍ କରି ପରିବାର ସେମାନଙ୍କ ସଦସ୍ୟ ଅପରାଧ ଘଟାଇଥିବା କହୁଛନ୍ତି । ଆଉ ଖବର ପ୍ରଘଟ କରିଦେବାର ଧମକ ଦେଇ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି । ଗୁରୁବାର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ସମାନ ଘଟଣା ସାମ୍ନାକୁ ଆସିଛି । ନିଜର ଚତୁରତା ଲାଗି ଠକେଇର ଶିକାର ହେବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଜଣେ ବ୍ୟକ୍ତି । ଏ ନେଇ ସେ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ହ୍ୱାଟସ୍‌ଆପକୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା । ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଫଟୋ ପ୍ରୋଫାଇଲରେ ଥିବାରୁ ବ୍ୟକ୍ତି ଜଣକ ପ୍ରଥମେ କୌଣସି ସଚେତନତା ମୂଳକ କଲ୍ ଭାବି ଫୋନ ଉଠାଇଥିଲେ । ହେଲେ ସେପଟରୁ ଜଣେ ଅଣଓଡ଼ିଆ ବ୍ୟକ୍ତି କହିଥିଲା ଯେ, 'ଆପଣଙ୍କ ପୁଅ ଓ ତା'ର ୩ ଜଣ ସାଙ୍ଗ ମିଶି ଜଣେ ଝିଅକୁ ଦୁଷ୍କର୍ମ କରିଛନ୍ତି । ସେ ଝିଅ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଆମେ ଗଣମାଧ୍ୟମକୁ ଖବର ଦେଇ ଦେଉଛୁ ।' ତାଙ୍କ ପୁଅ ଘରେ ଥିବାରୁ ତାହା ଫ୍ରଡ୍ କଲ୍ ବୋଲି ଜାଣି ପାରିଥିଲେ । ଗଣମାଧ୍ୟମକୁ ଜଣାଇ ଦିଅନ୍ତୁ ବୋଲି ଓଲଟି ସାଇବର ଠକଙ୍କୁ କହିଥିଲେ । ଏହାପରେ ସାଇବର ଠକ କଲ୍ କାଟି ଦେଇଥିଲା । ଏ ନେଇ ସେ ପ୍ରଥମେ ମଞ୍ଚେଶ୍ୱର ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ବରଂ ଏପରି ଅନେକ ଘଟଣା ପ୍ରତିଦିନ ଘଟୁଛି । ପରିବାର ସଦସ୍ୟ କୌଣସି ଅପରାଧରେ ସମ୍ପୃକ୍ତ ଥିବା କହି ଲୋକମାନଙ୍କୁ ଧମକପୂର୍ଣ୍ଣ କଲ୍ କରୁଛନ୍ତି । ଆଉ ଲୋକମାନେ ମଧ୍ୟ ଭୟଭୀତ ଲକ୍ଷାଧିକ ଟଙ୍କା ହରାଉଛନ୍ତି ।

### ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଉତ୍ତେଜନା

ଭୁବନେଶ୍ୱର, ୧୮ ।୪(ସମିସ): ଗତକାଲି ଜଣେ ମହିଳା କ୍ୟାପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦୁଇଟି ଯାଆଁଳା ଶିଶୁ ଜନ୍ମ ଦେଇଥିଲେ । ଗତକାଲି ମା'ର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ବେଳେ ଆଜି ସକାଳୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କରିଥିଲେ । ଡାକ୍ତରଙ୍କ ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ । ପରେ ସେମାନେ ଉକ୍ତ ବିଭାରେ ଉତ୍ତେଜନା ପ୍ରକାଶ ପାଇବା ସହ ହୋ ହାଲ୍ଲା କରିଥିଲେ । ଉତ୍ତେଜନା ବଢୁଥିବା ଦେଖି ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ବୁଝିଶୁଝା କରିଥିଲେ । ଏହାପରେ ଖବର ପାଇ କ୍ୟାପିଟାଲ ଥାନାର ଫୋର୍ସ ପହଞ୍ଚି ଗଣ୍ଡଗୋଳକୁ ଆୟତ କରିଥିଲେ । ଏନେଇ ମୃତକ ମହିଳା ହେଲେ ଅନ୍ଧାରୁଆର ସୁଦା ବେହେରା । ମୃତକଙ୍କ ପରିବାର ଡାକ୍ତରଙ୍କ ନାମରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି ।

**ଡାକ୍ତରଙ୍କ ନାଁରେ ଥାନାରେ ମାମଲା**

# ଖୋଲୁନି ଜଳଛତ୍ର; ହନ୍ତସନ୍ତ ପଥଚାରୀ

ଯାଁଳା, ୧୮ ।୪(ସମିସ)

ଏପ୍ରିଲ୍ ମାସ ପ୍ରଥମ ସପ୍ତାହରୁ ତାତି ଅସହ୍ୟ ହେଲାଣି । ପ୍ରଶାସନ ଖରାପାଇଁ କଟକଣା ଓ ମାର୍ଗଦର୍ଶିକା ଜାରି କଲେଣି । ମାତ୍ର ଏତେସବୁ ପରାମର୍ଶ ସତ୍ତ୍ୱେ ରାଜଧାନୀ ଉପକଣ୍ଠ ଅନେକ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇନାହିଁ । ରାସ୍ତାଘାଟରେ ଲୋକେ ପାଣି ପାଇଁ ଆଉଟୁପାଉଟୁ ହେଉଛନ୍ତି । ବୁଲା ବେପାରୀଙ୍କ ଠାରୁ ଆରମ୍ଭ କରି ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ଶୋଷ ମେଣ୍ଟାଇବା ପାଇଁ ଜଳଛତ୍ର ଉପରେ ନିର୍ଭର କରନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନେକ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନାହିଁ । ପଞ୍ଚାୟତରେ ଜରୁରିକାଳୀନ ପାଣ୍ଠିରୁ ଜଳଛତ୍ର ପାଇଁ ଖର୍ଚ୍ଚ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠି ତାହା କାର୍ଯ୍ୟକାରୀ କରାଯାଉ ନାହିଁ । ଜଟଣୀ ବ୍ଲକର ଯାଁଳା, ମଦନପୁର, ଗଙ୍ଗପଡ଼ା, ଅଙ୍ଗାରପଡ଼ା ଏବଂ ଭୁବନେଶ୍ୱର ବ୍ଲକର ନଁପୁଟ, ରଣସିଂହପୁଟ ଆଦି ପଞ୍ଚାୟତରେ ଜଳଛତ୍ର ଏ ପର୍ଯ୍ୟନ୍ତ ଖୋଲାଯାଇ ନାହିଁ । ତିନି ତିନି ବିଭାଗ ପାଖରେ ଯୋଜନା ଥାଇ ମଧ୍ୟ ତାଳମେଳ ରହୁ ନ ଥିବାରୁ ଜଳଛତ୍ର ଏବେ ଅଡୁଆ ଜାଲରେ ଛନ୍ଦି ହୋଇଯାଇଥିବା ଅଭିଯୋଗ ହେଉଛି ।

ଏ ନେଇ କିଛି ଅଙ୍ଗନବାଡ଼ି କର୍ମୀଙ୍କ କହିବା କଥା, ଗାଁ କଲ୍ୟାଣ ସମିତିକୁ ବର୍ଷକୁ ୧୦ ହଜାର ଟଙ୍କା ଆସେ । ଏହି ଅର୍ଥ ଅଙ୍ଗନବାଡ଼ି ଓ ୱାର୍ଡ ସଭ୍ୟଙ୍କ ମିଳିତ ଜମା ଖାତାରେ ରୁହେ । ସେଥିରେ ଜଳଛତ୍ର ପାଇଁ କିଛି ଟଙ୍କା ବ୍ୟୟ ବରାଦ ଥାଏ । କିନ୍ତୁ ଗତ ଦୁଇବର୍ଷ ହେଲା ଗାଁ କଲ୍ୟାଣ ସମିତି ଟଙ୍କା ଆସୁନାହିଁ । ଜଳଛତ୍ର ମାଠିଆରେ ପାଣି ଭର୍ତ୍ତି କରିବା ପାଇଁ ଶ୍ରମିକଙ୍କ ମଜୁରି ମାସିକ ମାତ୍ର ଶହେ ଟଙ୍କା ଦେବା ପାଇଁ ରହିଛି । ତେଣୁ ଶହେ ଟଙ୍କାରେ ଏହି କାମ କରିବାକୁ କେହି ରାଜି ହେଉନାହାନ୍ତି । ଏ ନେଇ ଜଣେ ଏଏନ୍‌ଏମ୍‌ଙ୍କ ସହ ଯୋଗାଯୋଗ କରିବାରେ ଗୋଟିଏ ଅଞ୍ଚଳରେ ସେମାନେ ଗୋଟିଏ ମାତ୍ର ଜଳଛତ୍ର ଖୋଲିପାରିବାର ବ୍ୟବସ୍ଥା ରହିଛି ବୋଲି କହିଥିଲେ । ଖରା ୪ମାସରେ ଉକ୍ତ ଜଳଛତ୍ର ପାଇଁ ମାତ୍ର ଏକ ହଜାର ଟଙ୍କାର ବ୍ୟୟ ବରାଦ ରହିଛି । ତେଣୁ ଖୁବ୍ ଶୀଘ୍ର ଜଳଛତ୍ର ଖୋଲାଯିବ ବୋଲି କହିଥିଲେ । ସେହିଭଳି ଗଙ୍ଗପଡ଼ା ସରପଞ୍ଚ ସୁଧାଂଶୁ ମହାରଣା ଓ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ମତାମତ ନେବାରେ ପଞ୍ଚାୟତଗୁଡ଼ିକର ଜରୁରିକାଳୀନ ପାଣ୍ଠିରେ ଜଳଛତ୍ର ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ସେମାନେ ଗାଁ କଲ୍ୟାଣ ସମିତିକୁ ଅପେକ୍ଷା କରିଥିଲେ । ଏବେ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲି ନ ଥିବାରୁ ପଞ୍ଚାୟତ ପକ୍ଷରୁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ଛକଗୁଡ଼ିକରେ ଖୁବଶୀଘ୍ର ଖୋଲାଯିବ ବୋଲି କହିଛନ୍ତି ।

**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**

**Name of the Election: GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**

**Name of the State: ODISHA**

(1) Name of the Constituency - **17-SAMBALPUR AC**

Name of the Candidate – **SHRI ROHIT PUJARI**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Bailable, ii. Bailable, iii. Bailable, iv. Bailable |
| | b. | Case No. | i. Hirakud PS Case No- 55/2013, ii. GRP Sambalpur PS Case No-16/2013, iii. GRP Sambalpur PS Case No-46/2013, iv. GRP Sambalpur PS Case No-30/2010 |
| | c. | Name of the Court | i. JMFC, Sambalpur, Sl. No ii to iv - SDJM, Sambalpur |
| | d. | Whether charges have been framed or not (Yes/No) | Sl. No. i to iv - No |
| | e. | Date of Conviction, if any | N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | No |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a young and energetic leader of western Odisha, having pretty experience of dealing with public and doing social work from his student career. He is having quite experience to represent State Assembly and raised voice for the people of western Odisha and all the cases leveled against him are politically motivated having no grains of truth. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the **17-SAMBALPUR Assembly Constituency** is more justified than other individuals without criminal antecedents. |

(2) Name of the Constituency - **17-SAMBALPUR AC**

Name of the Candidate – **SHRI ROHIT PUJARI**

................................................................................ and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
**DR. SASMIT PATRA**
**GENERAL SECRETARY.**

**DATE - 18.04.2024**

